
ପାଠ-୫

# ଜାଗବନ୍ଧନ ହରା

STUDY NOTES

## MIND MAP



### କବିତାର ପୃଷ୍ଠଭୂମି

କବିଙ୍କର ଏହି 'ଜାଗ ବନ୍ଧନହରା' କବିତା ଟି 'ନବଯୁଗ ସାହିତ୍ୟ ସଂସଦ'ର ପ୍ରଥମ ଅଧିବେଶନରେ ପ୍ରାରମ୍ଭିକ ସଙ୍ଗୀତରୂପେ ଗାନ କରାଯାଇଥିଲା । ଉକ୍ତ କବିତାରେ ପ୍ରଗତିବାଦୀ ତଥା ମାର୍କସୀୟ ଦର୍ଶନ ପ୍ରତିଫଳିତ । ମାନବବାଦର ଜୟଗାନ ସହିତ ଶୋଷଣ ମୁକ୍ତ ଓ ଶ୍ରେଣୀହୀନ ସାମାଜିକ ତଥା ସାଂସ୍କୃତିକ ବ୍ୟବସ୍ଥାର ପ୍ରବର୍ତ୍ତନ ନିମନ୍ତେ ଏଥିରେ ରହିଛି ମାଦକଭରା ପ୍ରେରଣା ।

### କବିତାର ମର୍ମବାଣୀ

ତରୁଣାବସ୍ଥା ମାନବର ଏକ ପ୍ରକୃଷ୍ଟ ଅବସ୍ଥା, ଯେଉଁ ଅବସ୍ଥାରେ ସେ ହୁଏ ଶକ୍ତି, ସାମର୍ଥ୍ୟ ଓ ସୌନ୍ଦର୍ଯ୍ୟର ପରିପୂର୍ଣ୍ଣ ଅଧିକାରୀ । ତା'ର ଅଧ୍ୟୟନ ତଥା ପ୍ରକୃତିଲବ୍ଧ ଜ୍ଞାନ ସେହି ଅବସ୍ଥାକୁ ପରିପୁଷ୍ଟ କରିବା ସହ ସେ ସମାଜର ମେରୁଦଣ୍ଡଭାବେ ହୁଏ ବିବେଚିତ । ସେହି ସମୟରେ ହିଁ ସେ ସମାଜକୁ ଦେଖିବାକୁ ଓ ଜାଣିବାକୁ ସମର୍ଥ ହୁଏ । ସମାଜରେ ପ୍ରଚଳିତ କଳୁଷିତ ପ୍ରଥା ତଥା ଦୂଷିତ ପରିବେଶକୁ ଦେଖି ତା'ର ହୃଦୟ ବିଦ୍ରୋହ କରିଉଠେ । ସେତେବେଳେ ତା'ର ଯୁବସୁଲଭ ଉଦ୍ଦାମତା ସମାଜର ବା ଶାସନର କୌଣସି ପ୍ରଚଳିତ ନିୟମକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ହୁଏନାହିଁ । ସେ ସକଳପ୍ରକାର ବନ୍ଧନରୁ ହୋଇଯାଏ ମୁକ୍ତ । ତେଣୁ କବି ସେହି ତରୁଣମାନଙ୍କୁ ବନ୍ଧନହରା ବୋଲି ସମ୍ବୋଧନ କରିଛନ୍ତି ଏବଂ ଏକ ଶୋଷଣମୁକ୍ତ ଶ୍ରେଣୀହୀନ ସମାଜ ଗଠନ ନିମନ୍ତେ ଜାଗି ଉଠିବାପାଇଁ ଆହ୍ୱାନ ଦେଇଛନ୍ତି । କାରଣ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟଗତ ଭେଦଭାବ ସମାଜକୁ କରିଛି ଖଣ୍ଡବିଖଣ୍ଡିତ । ଶୋଷଣ, ପୀଡ଼ନ, ଲାଂଛନ, ଅପମାନ ଜର୍ଜରିତ ହୋଇ ମାନବ ଦୁଃଖ ନୈରାଶ୍ୟର ଅନ୍ଧକାର ମଧ୍ୟରେ କରୁଛି କାଳାତିପାତ । ତେଣୁ ସମାଜର ମଙ୍ଗଳ ନିମନ୍ତେ ନିଜ ଜୀବନାର୍ପଣ କରି ବକ୍ଷର ଲହୁ ଢ଼ାଳି ଲକ୍ଷ ଲକ୍ଷ ମାନବ ଜୀବନରେ ସୁଖର ଆଲୋକଧାରା ଖେଳାଇଦେବା ନିମନ୍ତେ କବି ନବୀନଯୁଗର ତରୁଣମାନଙ୍କୁ ଆହ୍ୱାନ ଜଣାଇଛନ୍ତି ।